# ସ୍ମୃତିରେ... ୨୦୨୧



ବିଦାୟୀ ବର୍ଷରେ ଭାରତରେ ଅନେକ ବିବାଦୀୟ ଓ ବିତର୍କିତ ପ୍ରସଙ୍ଗ ଉଠିଥିଲା। ସବୁଠୁ ଅଧିକ ବିତର୍କରେ ରହିଥିଲା କେନ୍ଦ୍ରର ୩ କୃଷି ଆଇନ, ଯାହାକୁ ଆନ୍ଦୋଳନ ଆଗରେ ହାର ମାନି ଶେଷରେ ପ୍ରତ୍ୟାହାର କରାଗଲା। ଅକ୍ସିଜେନ ସଙ୍କଟ ଯୋଗୁ କୋଭିଡ୍ ହସ୍ପିଟାଲରେ ରୋଗୀ ମରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିଲେ। ଉତ୍ତର-ପୂର୍ବରେ ସୀମା ବିବାଦ ମୁଣ୍ଡ ଟେକିଥିବାବେଳେ ରାଜ କୁନ୍ଦ୍ରା ଓ ଆର୍ଯ୍ୟନ ଖାନ୍‌ଙ୍କୁ ନେଇ ଚର୍ଚ୍ଚାରେ ରହିଥିଲା ବଲିଉଡ୍। ଲାଲ ଆତଙ୍କ, ଭିଡ଼ହିଂସା ଓ ଅପରାଧର ଗ୍ରାଫ ବଢ଼ିବା ଚିନ୍ତାର କାରଣ ହୋଇଥିଲା। ଶେଷରେ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ସିଡିଏସ୍ ବିପିନ ରାୱତ୍‌ଙ୍କ ମୃତ୍ୟୁ ମଧ୍ୟ ବିତର୍କ ବଳୟରୁ ମୁକୁଳିପାରି ନ ଥିଲା।

# ବିତର୍କିତ ବର୍ଷ




## କୃଷି ଆଇନ ଉଚ୍ଛେଦ

୨୦୨୦ରେ କେନ୍ଦ୍ର ସରକାର ଆଣିଥିବା ୩ କୃଷି ଆଇନକୁ ନେଇ ଦେଶରେ ୨୦୨୧ ବର୍ଷ ତମାମ ବିବାଦୀୟ ସ୍ଥିତି ଦେଖିବାକୁ ମିଳିଥିଲା। ଜାନୁୟାରୀ ୧୨ରେ ସୁପ୍ରିମକୋର୍ଟ ଏହି ଆଇନ ଉପରେ ସ୍ଥଗିତାଦେଶ ଜାରି କରିଥିଲେ ହେଁ ଉଚ୍ଛେଦ ଦାବିରେ କୃଷକ ସଙ୍ଗଠନଗୁଡ଼ିକ ଅଡ଼ିବସି ଆନ୍ଦୋଳନ ଜାରି ରଖିଥିଲେ। ସାଧାରଣତନ୍ତ୍ର ଦିବସରେ ଲାଲକିଲ୍ଲାକୁ ଚାଷୀଙ୍କ ଟ୍ରାକ୍ଟର ମାର୍ଚ୍ଚ ବେଳେ ପଞ୍ଜାବୀ ଅଭିନେତା ଦୀପ ସିଦ୍ଧୁ ତ୍ରିରଙ୍ଗା ସ୍ଥାନରେ ନିଶାନ ସାହିବ (ଶିଖ୍ ପତାକା) ଲଗାଇଥିଲେ। କେନ୍ଦ୍ର ସରକାର ସଂଯୁକ୍ତ କିଷାନ ମୋର୍ଚ୍ଚା ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଚାଷୀ ନେତାମାନେ ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ ସହ ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଦାବିରେ ଅଟଳ ରହିଥିଲେ। ଶେଷରେ ନଭେମ୍ବର ୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି ଆଇନକୁ ଉଚ୍ଛେଦ କରାଯିବ ବୋଲି ଘୋଷଣା କରିବା ସହ ଚାଷୀଙ୍କୁ ଏହାର ସୁଫଳ ବୁଝାଇ ପାରି ନ ଥିବାରୁ କ୍ଷମା ମାଗିଥିଲେ। ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ୍ ଆଣି ଆଇନ ହଟାଇଲେ ଯାଇ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରୁ ଓହରିବେ ବୋଲି କୃଷକମାନେ ଦାବି କରିଥିଲେ। ଫଳରେ ସରକାର ଶୀତ ଅଧିବେଶନ ଆରମ୍ଭରେ ନୂଆ ବିଲ୍ ଆଣି କୃଷି ଆଇନକୁ ରଦ୍ଦ କରିଥିଲେ। ଡିସେମ୍ବର ୯ରେ କୃଷକମାନେ ଆନ୍ଦୋଳନରୁ ହଟିଥିଲେ। କିନ୍ତୁ ସେତେବେଳ ଯାଏ ୭୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜୀବନ ଯାଇସାରିଥିଲା।

## ଟୁଲ୍‌କିଟ୍ ଉପାଖ୍ୟାନ



୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଜୋର୍ ଧରିଥିବାବେଳେ କୃଷକଙ୍କୁ କଣ୍ଟକିତ ତାରବାଡ଼ ଓ କଂକ୍ରିଟ କାନ୍ଥରେ ଆବଦ୍ଧ କରିବାକୁ ଉଦ୍ୟମ କରିଥିଲା ପୋଲିସ। ଏହି ଚିତ୍ର ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ସୁଇଡେନର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କ ସମେତ ଅନେକ ବୁଦ୍ଧିଜୀବୀ ଏହା ଉପରେ ଟୁଇଟ୍ କରିଥିଲେ। ଏହାକୁ ନେଇ କେନ୍ଦ୍ର ସରକାର ବିଚଳିତ ହୋଇଯାଇଥିଲେ। ସମାଜକୁ ସଚେତନତାର ବାର୍ତ୍ତା ବାଣ୍ଟୁଥିବା ଯୁବ କ୍ଲାଇମେଟ୍ ଚେଞ୍ଜ ଆକ୍ଟିଭିଷ୍ଟ ତଥା ଫ୍ରାଇଡେଜ୍ ଫର୍ ଫ୍ୟୁଚର ଇଣ୍ଡିଆର ପ୍ରତିଷ୍ଠାତା ଦିଶା ରବିଙ୍କ ବିରୋଧରେ ଦିଶାଙ୍କୁ ଦେଶଦ୍ରୋହ ମାମଲା ଲଗାଇ ଫେବୃୟାରୀ ୧୪ରେ ତାଙ୍କୁ ରାତିଅଧିଆ ଦିଲ୍ଲୀ ପୋଲିସ ବେଙ୍ଗାଲୁରୁରୁ ଉଠାଇନେବା ସମସ୍ତଙ୍କୁ ଚକିତ କରିଥିଲା। ଗ୍ରେଟା ଥନ୍‌ବର୍ଗଙ୍କ 'ଟୁଲ୍‌କିଟ୍' ପ୍ରକରଣ ଓ ଏହାକୁ ନେଇ ଚାଲିଥିବା ଧରପଗଡ଼ ଏକ ପ୍ରାୟୋଜିତ ଷଡ଼ଯନ୍ତ୍ର ବୋଲି ଅନେକେ ମତ ଦେଇଥିଲେ। ୨୩ ତାରିଖରେ ଦିଶାଙ୍କୁ କୋର୍ଟ ଜାମିନ ଦେବା ସହ ପୋଲିସକୁ ଭର୍ତ୍ସନା କରିଥିଲେ।

## ସଚିନ, ପରମବୀର, ଦେଶମୁଖ



ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ମୁମ୍ବାଇ ବାସଭବନ ଆଣ୍ଟିଲିଆ ବାହାରେ ଫେବୃୟାରୀ ୨୫ରେ ଏକ କାର୍‌ରୁ ବିସ୍ଫୋରକ ଠାବ ହେବା ପରେ ଆତଙ୍କ ଖେଳିଯାଇଥିଲା। କିଛିଦିନ ପରେ ଉକ୍ତ ଏସ୍‌ୟୁଭିର ମାଲିକ ମନସୁଖ ହିରେନ୍‌ଙ୍କ ମୃତଦେହ ମିଳିଥିଲା। ଏହି ମାମଲାରେ ମୁମ୍ବାଇ ପୋଲିସର ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ସଚିନ ୱାଜେଙ୍କୁ ଗିରଫ ପରେ ମେ' ୧୧ରେ ଆସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ପଦରୁ ବହିଷ୍କାର କରାଯାଇଥିଲା। ତେବେ ମହାରାଷ୍ଟ୍ରର ତତ୍କାଳୀନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ୱାଜେଙ୍କୁ ମାସିକ ୧୦୦ କୋଟି ଟଙ୍କା ବଟି ଅସୁଲ କରି ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ପୋଲିସ କମିଶନର ପରମବୀର ସିଂ ଚିଠି ଲେଖିବା ପରେ ମାମଲାରେ ନୂଆ ଟୁଇଷ୍ଟ ଆସିଥିଲା। ଦେଶମୁଖ ବିବାଦୀୟ ହୋଇ ଇସ୍ତଫା ଦେଇଥିଲେ। ସିବିଆଇ ଏବଂ ଇଡି ଦେଶମୁଖଙ୍କ ମାମଲାର ତଦନ୍ତ କରୁଥିବାବେଳେ ପରମବୀରଙ୍କ ପତ୍ତା ମିଳି ନ ଥିଲା। କାର୍ଯ୍ୟରେ ଅନୁପସ୍ଥିତି ଯୋଗୁ ରାଜ୍ୟ ସରକାର ହୋମଗାର୍ଡ ଡିଜି ପଦରୁ ତାଙ୍କୁ ନିଲମ୍ବନ କରିଛନ୍ତି।

## ଶାହରୁଖ୍‌ଙ୍କ ପୁଅଙ୍କୁ ଟାର୍ଗେଟ



ଅକ୍ଟୋବର ୩ରେ କିଙ୍ଗ୍ ଖାନ୍ ଶାହରୁଖ୍‌ଙ୍କ ପୁଅ ଆର୍ଯ୍ୟନ ଖାନଙ୍କ ସମେତ ୮ ଜଣଙ୍କୁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ଧରିଥିଲା। ମୁମ୍ବାଇରୁ ଗୋଆ ଯାଉଥିବା କୋର୍ଡେଲିଆ କ୍ରୁଜ୍ ଶିପ୍‌ରେ ରେଭ ପାର୍ଟି ବେଳେ ଡ୍ରଗ୍ସ ସେବନ ଅଭିଯୋଗରେ ସେମାନଙ୍କୁ ଗିରଫ କରିଥିବା ଏନ୍‌ସିବି ଅଫିସର ସଚିନ ୱାଙ୍ଖେଡେ ଦାବି କରିଥିଲେ। ଜେଲରେ ୨୨ ଦିନ ରହିବା ପରେ ବମ୍ବେ ହାଇକୋର୍ଟ ଆର୍ଯ୍ୟନଙ୍କୁ ଜାମିନ ଦେଇଥିଲେ। ଏହି ଘଟଣାକୁ ନେଇ ଏନ୍‌ସିବି ଅପଦସ୍ଥ ହୋଇଥିଲା, ଯେତେବେଳେ ସଚିନ ୱାଙ୍ଖେଡେ ମାମଲାକୁ ରଫାଦଫା କରିବା ପାଇଁ ୨୫ କୋଟି ଟଙ୍କା ରାନ୍‌ସମ ଦାବି କରିଥିବା ସ୍ୱାଧୀନ ସାକ୍ଷୀ ପ୍ରଭାକର ସାଇଲ ସାମ୍ନାକୁ ଆଣିଥିଲେ।

## 'ସ୍କିନ୍ ଟୁ ସ୍କିନ୍ କଣ୍ଟାକ୍ଟ' ରାୟ



ଜଣେ ନାବାଳିକାଙ୍କୁ ୩୯ ବର୍ଷୀୟ ଅଭିଯୁକ୍ତ ଖାଦ୍ୟ ଦେବା ବାହାନାରେ ଘରକୁ ନେଇ ଯୌନ ଉତ୍ପୀଡ଼ନ କରିଥିଲେ। ଏହି ମାମଲାରେ ସେସନ୍ସ କୋର୍ଟ ପୋକ୍ସୋ ଆଇନ ଏବଂ ଆଇପିସି ଦଫା ୩୫୪ ବଳରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ନାବାଳିକାଙ୍କ ସ୍ତନ ସ୍ପର୍ଶ କରିଥିବା ଦୋଷୀ ଏହାକୁ ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଜାନୁୟାରୀ ୧୯ରେ ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗଣେଦିୱାଲାଙ୍କ ଏକକିଆ ଖଣ୍ଡପୀଠ ପୋକ୍ସୋ ଆଇନର ଧାରା ୭କୁ ଖାରଜ କରି ଆଇପିସି ଦଫା ୩୫୪କୁ ବଳବତ୍ତର ରଖିଥିଲେ। ନଭେମ୍ବର ୧୮ରେ ସୁପ୍ରିମକୋର୍ଟ ଗଣେଦିୱାଲାଙ୍କ ରାୟକୁ ଖାରଜ କରି କହିଥିଲେ, ଅଭିଯୁକ୍ତ ଜଣେ ଶିଶୁକନ୍ୟାଙ୍କ ଚର୍ମ ସ୍ପର୍ଶ କରିଛନ୍ତି କି ନାହିଁ ତାହା ବଡ଼କଥା ନୁହେଁ। ମନ୍ଦ ଉଦ୍ଦେଶ୍ୟ ରଖି ଛୁଇଁବା ମଧ୍ୟ ଯୌନ ଉତ୍ପୀଡ଼ନ। ହାଇକୋର୍ଟର ଅସ୍ଥାୟୀ ବିଚାରପତି ଗଣେଦିୱାଲାଙ୍କୁ ପଦାବନତି ଦିଆଯାଇଛି। ସେ ଆସନ୍ତା ଫେବୃୟାରୀରୁ ଜିଲା ଜଜ୍ ଭାବେ କାର୍ଯ୍ୟ କରିବେ।

## ଗାଡ଼ି ମଡ଼ାଇ କୃଷକଙ୍କୁ ହତ୍ୟା






ଅକ୍ଟୋବର ୩ରେ ଉତ୍ତରପ୍ରଦେଶର ଲଖିମପୁର ଖେରି ଜିଲା ତିକୁନିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଯାଇଥିଲେ। ଏହି ସମୟରେ କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକମାନେ ବିକ୍ଷୋଭ କରୁଥିବାବେଳେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ସେମାନଙ୍କ ଉପରକୁ ମାଡ଼ିଯାଇଥିଲା। ଏଥିରେ ୪ କୃଷକ ଓ ଜଣେ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ହିଂସାରେ ୨ ଭାଜପା କର୍ମୀ ଓ ଜଣେ ଡ୍ରାଇଭରଙ୍କ ଜୀବନ ଯାଇଥିଲା। ଚାରିଆଡ୍ରୁ ଚାପ ପଡ଼ିବା ପରେ ୟୁପି ପୋଲିସ ଆଶିଷଙ୍କୁ ଗିରଫ କରିଥିଲା। ତେବେ ଅବହେଳାରୁ ଚାଷୀଙ୍କ ମୃତ୍ୟୁ ଘଟି ନ ଥିଲା, ବରଂ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଯାଞ୍ଚରୁ ଜାଣିବାକୁ ପାଇଥିଲା। ଏନେଇ ଏସ୍‌ଆଇଟିର ଅନୁରୋଧକ୍ରମେ ସିଜେଏମ୍ କୋର୍ଟରେ ଆଶିଷ ଓ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା ଓରଫ ଟେନିଙ୍କୁ ଗିରଫ କରି ମୋଦି କ୍ୟାବିନେଟରୁ ବହିଷ୍କାର କରାଯାଉ ବୋଲି ମୃତକଙ୍କ ପରିବାର ଓ ବିରୋଧୀ ନେତାମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ରକୁ ହଟହଟା ହେବାକୁ ପଡ଼ିଛି।

## ଓଟିଟି ଉପରେ ଅଙ୍କୁଶ



ସୋସିଆଲ ମିଡିଆ ପ୍ଲାଟଫର୍ମ, ଡିଜିଟାଲ ମିଡିଆ ଅର୍ଗାନାଇଜେଶନ ଏବଂ ଓଟିଟି ଷ୍ଟ୍ରିମିଂ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ଫେବୃୟାରୀ ୨୪ରେ ଉଦ୍ୟମ କରିଥିଲା କେନ୍ଦ୍ର। ବଡ଼ ବଡ଼ ଟେକ୍ନୋଲୋଜି ଫାର୍ମଗୁଡ଼ିକ ଉପରେ ଲଗାମ କଷିବା ପାଇଁ ପୂର୍ବ ଆଇନରେ ସଂଶୋଧନ ଆଣି ଇନଫର୍ମେଶନ ଟେକ୍ନୋଲୋଜି (ଗାଇଡ୍‌ଲାଇନ୍ସ ଫର୍ ଇଣ୍ଟରମେଡିଆରିଜ୍ ଆଣ୍ଡ୍ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍ସ, ୨୦୨୧ ଶୀର୍ଷକ ଚିଠା ପ୍ରସ୍ତୁତ କରିଥିଲା। କୌଣସି ପୋଷ୍ଟ ପ୍ରଥମେ କେଉଁଠୁ ବାହାରିଛି ତାକୁ ଠାବ ଓ ବ୍ଲକ୍ କରିବା ଲାଗି ଏକ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ ନିମନ୍ତେ କ୍ଷମତା ପ୍ରଦାନ ପାଇଁ ଏଥିରେ ନିୟମ କରାଯାଇଥିଲା। ନୂଆ ନିୟମକୁ କୋର୍ଟରେ ଚ୍ୟାଲେଞ୍ଜ କରାଯିବାରୁ ଏହାର କେତେକ ଧାରା ଉପରେ ଅଦାଲତୀ ଅଙ୍କୁଶ ଲାଗିଥିଲା। ମାର୍ଚ୍ଚ ୫ରେ ସୁପ୍ରିମକୋର୍ଟ 'ତାଣ୍ଡବ' ମାମଲାର ଶୁଣାଣି କରି କେନ୍ଦ୍ରର ଓଟିଟି ଗାଇଡ୍‌ଲାଇନ୍‌କୁ ଦନ୍ତହୀନ ବୋଲି ଅଭିହିତ କରିଥିଲେ।

## ବାୟୁସେନା ହେଲିକପ୍ଟର ଜଳିଗଲା



ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିଲା ଡିସେମ୍ବର ୮ ଆଇଏଏଫ୍ ହେଲିକପ୍ଟର ଦୁର୍ଘଟଣା। ଭାରତର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍ ଓ ତାଙ୍କ ସ୍ତ୍ରୀ ମଧୁଲିକା ରାୱତ୍‌ଙ୍କ ସମେତ ଅନ୍ୟ ୧୧ ଜଣଙ୍କୁ ନେଇ ଯାଉଥିବା ବାୟୁସେନାର ଏମ୍‌ଆଇ-୧୭ଭି୫ ହେଲିକପ୍ଟର ତାମିଲନାଡୁର କୁନ୍ନୁର ନିକଟରେ ଖସିପଡ଼ିବାରୁ ସେଥିରେ ନିଆଁ ଲାଗିଯାଇଥିଲା। ସମସ୍ତଙ୍କ ଶରୀରର ୮୫ରୁ ୯୦ ଭାଗ ଜଳିଯାଇଥିଲା। ଫଳରେ ସିଡିଏସ୍‌ଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଶୌର୍ଯ୍ୟଚକ୍ର ବିଜେତା ଗ୍ରୁପ୍ କ୍ୟାପଟେନ ବରୁଣ ସିଂ ବେଙ୍ଗାଲୁରୁ ସେନା ହସ୍ପିଟାଲରେ ସପ୍ତାହେ ଧରି ଜୀବନ ସହ ସଂଗ୍ରାମ କରି ଶେଷରେ ହାରିଯାଇଥିଲେ।



## ଭୁଲ୍‌ରେ ୧୫ ଜଣଙ୍କୁ ମାରିଦେଲେ ଯବାନ

ଡିସେମ୍ବର ୫ରେ ଆସାମ ରାଇଫଲ୍ସ ଭୁଲ୍‌ରେ ଉଗ୍ରପନ୍ଥୀ ଭାବି ସାଧାରଣ ଲୋକଙ୍କ ଉପରେ ଗୁଳି ଚଳାଇଥିଲା। ନାଗାଲାଣ୍ଡର ମୋନ୍ ଜିଲା ଓଟିଙ୍ଗ୍‌ଠାରେ ସେନା ଗୁଳିରେ ୧୫ ନିରୀହ ଦିନ ମଜୁରିଆଙ୍କ ମୃତ୍ୟୁ ଘଟିଥିଲା। ଜବାବରେ ଲୋକଙ୍କ ଆକ୍ରମଣରେ ଜଣେ ଯବାନଙ୍କ ମଧ୍ୟ ଜୀବନ ଯାଇଥିଲା। ଏହାକୁ ନେଇ ରାଜ୍ୟରେ ଉତ୍ତେଜନା ବୃଦ୍ଧି ସହ ରାଜନୀତି ସରଗରମ ହୋଇଥିଲା। ଉତ୍ତର-ପୂର୍ବରେ ସେନାକୁ ମିଳିଥିବା ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ, ୧୯୮୫ ଉଚ୍ଛେଦ ଦାବି ଏଇଠୁ ଜୋର୍ ଧରିଥିଲା।




## ସେଲିବ୍ରିଟିଙ୍କୁ କେନ୍ଦ୍ରର ନାଲିଆଖି

କୃଷକ ଆନ୍ଦୋଳନ ବେଳେ କଣ୍ଟା ତାରବାଡ଼ ଦେଇ ସମ୍ପୃକ୍ତ ଅଞ୍ଚଳରେ ଇଣ୍ଟରନେଟ ସେବାକୁ ବନ୍ଦ କରାଯିବା ନେଇ ସିଏନ୍‌ଏନ୍‌ରେ ପ୍ରକାଶିତ ଏକ ରିପୋର୍ଟକୁ ଅମେରିକୀୟ ପପ୍ ଷ୍ଟାର ରିହାନା ଟୁଇଟ୍ କରିଥିଲେ। ଏହା ଉପରେ ଆମେ କାହିଁକି ଚର୍ଚ୍ଚା କରୁନାହୁଁ ବୋଲି ରିହାନା ପ୍ରଶ୍ନ କରିଥିଲେ। ସରକାର ସପକ୍ଷବାଦୀ ରିହାନାଙ୍କୁ ଜଣେ 'ପର୍ନ ଷ୍ଟାର' ରୂପେ ଚିତ୍ରଣ କରିବାକୁ ପଛାଇ ନ ଥିଲେ। ରିହାନାଙ୍କ କସ୍‌ମେଟିକ୍ ବ୍ରାଣ୍ଡ 'ଫେଣ୍ଟି ବ୍ୟୁଟି' ବିରୋଧରେ ମଧ୍ୟ କେତେଜଣ ସରକାର ସମର୍ଥକ ପ୍ରଶ୍ନ ଉଠାଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଏନ୍‌ସିପିସିଆର୍)ଙ୍କ ଦ୍ୱାରସ୍ଥ ହୋଇଥିଲେ। ତାରବାଡ଼ ଫଟୋକୁ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଝିଆରୀ ମୀନା ହାରିସ୍, ହଲିଉଡ୍ ଅଭିନେତ୍ରୀ ସୁସାନ ସରାଣ୍ଡନ୍‌ଙ୍କ ଭଳି ସେଲିବ୍ରିଟି ମଧ୍ୟ ଟୁଇଟ୍ କରିଥିଲେ। ଆନ୍ଦୋଳନକୁ ଉସୁକାଇବା ପାଇଁ ଭୁଲ୍ ତଥ୍ୟ ପ୍ରସାର କରିଥିବା ଦର୍ଶାଇ ଫେବୃୟାରୀ ୪ରେ କେନ୍ଦ୍ର କେତେକ ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ ଟୁଇଟରକୁ ନିର୍ଦ୍ଦେଶ ଦେଇଥିଲା। ନିର୍ଦ୍ଦେଶନାମାକୁ ନ ମାନିଲେ ଜେଲ ଓ ଜରିମାନା ଦଣ୍ଡାଦେଶର ଚେତାବନୀ ଦେଇଥିଲେ ତତ୍କାଳୀନ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦ।

## ମମତାଙ୍କ ବଳ ବୃଦ୍ଧି



୨୦୨୧ ମାର୍ଚ୍ଚ ୨୭ରୁ ମେ' ୨୯ ମଧ୍ୟରେ ୮ ପର୍ଯ୍ୟାୟରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଫଳ ଭାଜପାକୁ ଶକ୍ତ ଝଟ୍‌କା ଦେଇଥିଲା। ହଟ୍‌ସିଟ୍ ନନ୍ଦିଗ୍ରାମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ପୂର୍ବତନ ସହଯୋଗୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଯାଇଥିଲେ ହେଁ ରାଜ୍ୟରେ ଟିଏମ୍‌ସି ହ୍ୟାଟ୍ରିକ୍ ବିଜୟ ହାସଲ କରିଥିଲା। ଫଳରେ ଭାଜପାର କ୍ଷମତା ଦଖଲ ସ୍ୱପ୍ନ ଚୂରମାର ହୋଇଯାଇଥିଲା। ମମତା ପ୍ରାୟ ବର୍ଷ ସାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଟାର୍ଗେଟ କରି ଚର୍ଚ୍ଚାରେ ରହିଥିଲେ। ଗୋଆ ସମେତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଟିଏମ୍‌ସିର ବଳବୃଦ୍ଧି ଉଭୟ ଭାଜପା ଏବଂ କଂଗ୍ରେସ ପାଇଁ ଚିନ୍ତାର କାରଣ ହୋଇଥିଲା।

## ଦ୍ୱିତୀୟ ଲହର




୨୦୨୦ ମାର୍ଚ୍ଚରେ ଭାରତକୁ ଛୁଇଁଥିବା କୋଭିଡ୍-୧୯ ସଂକ୍ରମଣର ଦ୍ୱିତୀୟ ଲହର ଅଘୋଷିତ ଜରୁରୀ ପରିସ୍ଥିତି ସୃଷ୍ଟି କରିଥିଲା। ହସ୍ପିଟାଲଗୁଡ଼ିକରେ ରୋଗୀଙ୍କ ଚିକିତ୍ସା ପାଇଁ ବେଡ୍ ଅଭାବ ହେବାରୁ ସେମାନେ ଆମ୍ବୁଲାନ୍ସ ଭିତରେ ଏପରି କି ରାସ୍ତାଘାଟରେ ପଡ଼ିରହିଥିଲେ। ହସ୍ପିଟାଲ ବି ସୁରକ୍ଷିତ ନ ଥିଲା। ଏପ୍ରିଲ ୨୩ରେ ମହାରାଷ୍ଟ୍ରର ବିରାରସ୍ଥିତ ବିଜୟ ବଲ୍ଲଭ ହସ୍ପିଟାଲ ଆଇସିୟୁରେ ନିଆଁ ଲାଗି ୧୩ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ମେ' ୧ରେ ଗୁଜରାଟର ଭରୁଚସ୍ଥିତ ଏକ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ୨ ନର୍ସ ଓ ୧୬ ରୋଗୀଙ୍କ ଜୀବନ ଯାଇଥିଲା। ସଂକ୍ରମଣ ବଢ଼ିଚାଲିଥିବାବେଳେ ନିୟମିତ ଭାବେ ଏଭଳି ଘଟଣା ଦେଶବାସୀଙ୍କୁ ବ୍ୟଥିତ କରିଥିଲା। ଅମ୍ଳଜାନ ଓ ଅନ୍ୟ ଜରୁରୀ ଔଷଧ ସଙ୍କଟ ସୃଷ୍ଟି ହୋଇଥିବାବେଳେ କେନ୍ଦ୍ର ସରକାର କହୁଥିଲେ ଆମ ପାଖରେ ପର୍ଯ୍ୟାପ୍ତ ଅକ୍ସିଜେନ ସିଲିଣ୍ଡର ମହଜୁଦ ଅଛି। ଏପ୍ରିଲ ୨୪ରେ ଦିଲ୍ଲୀର ଜୟପୁର ଗୋଲ୍ଡେନ ହସ୍ପିଟାଲରେ ୨୫ କୋଭିଡ୍ ରୋଗୀ ଅକ୍ସିଜେନ ନ ପାଇ ଆଖି ବୁଜିଦେଇଥିଲେ। ଶ୍ମଶାନଗୁଡ଼ିକରେ ଜୁଇ ଲିଭୁ ନ ଥିଲା। ସ୍ଥିତି ଏପରି ହୋଇଥିଲା ଯେ, ଅନେକ ରାଜ୍ୟର ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କୁ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ତେବେ ପାର୍ଲାମେଣ୍ଟରେ କେନ୍ଦ୍ର ସରକାର କହିଥିଲେ ଅମ୍ଳଜାନ ନ ପାଇ କେହି ମରିନାହାନ୍ତି। ମେ' ୧୦ରେ ବିହାରର ବକ୍ସାର ଜିଲା ଚଉସା ଦେଇ ପ୍ରବାହିତ ଗଙ୍ଗାନଦୀରେ ୧୫୦ ମୃତଦେହ ଭାସୁଥିଲା। ସେଗୁଡ଼ିକ ପଡ଼ୋଶୀ ଉତ୍ତରପ୍ରଦେଶରୁ ଭାସିଆସିଥିବା ଜଣାପଡ଼ିଥିଲା। ଏହାର ଦୁଇଦିନ ପରେ ୟୁପିରେ ଗଙ୍ଗାକୂଳ ବାଲିରେ ପୋତାଯାଇଥିବା ହଜାର ହଜାର ମୃତଦେହ ସାମ୍ନାକୁ ଆସିବାରୁ କେନ୍ଦ୍ର ଓ ଯୋଗୀ ସରକାରଙ୍କ ମୁଖା ଖୋଲିଯାଇଥିଲା। ବର୍ଷ ଆରମ୍ଭରେ ଭାରତ ବାୟୋଟେକ୍‌ର କୋଭାକ୍ସିନ ଏବଂ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିଶିଲ୍ଡକୁ ମଞ୍ଜୁରୀ ମିଳିଥିଲେ ହେଁ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ହୋଇ ନ ପାରିବାରୁ ବିଭ୍ରାଟ ସୃଷ୍ଟି ହୋଇଥିଲା।



## ରାଜ କୁନ୍ଦ୍ରାଙ୍କ ହଟ୍‌ଶଟ୍



ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବ୍ୟବସାୟୀ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ ଜୁଲାଇ ୧୯ରେ ମୁମ୍ବାଇ ପୋଲିସ ଗିରଫ କରିଥିଲା। ରାଜ କୁନ୍ଦ୍ରା ଷ୍ଟ୍ରଗଲିଂ କଳାକାରମାନଙ୍କୁ ନେଇ ପର୍ନ ଫିଲ୍ମ ଶୁଟିଂ କରୁଥିଲେ ଏବଂ ସେଗୁଡ଼ିକୁ ନିଜ ଆପ୍ ହଟ୍‌ଶଟ୍‌ରେ ଅପ୍‌ଲୋଡ୍ କରି ବିପୁଳ ଅର୍ଥ ଉପାର୍ଜନ କରୁଥିଲେ ବୋଲି କ୍ରାଇମ୍ ବ୍ରାଞ୍ଚ ତଦନ୍ତରୁ ଜାଣିବାକୁ ପାଇଥିଲା। ଟଙ୍କା ଲୋଭରେ ନିର୍ଦ୍ଦେଶକ-ପ୍ରଯୋଜକମାନେ କିପରି 'ବି'ଗ୍ରେଡ୍ ସିନେମା ତିଆରି କରି ଯୌନ ଶୋଷଣ କରୁଛନ୍ତି ତାହା ଏହି ଘଟଣାରୁ ପ୍ରଘଟ ହୋଇଥିଲା। ସେତେବେଳେ ଶିଳ୍ପା ଏହାକୁ ପର୍ନ ନୁହେଁ, ଏରୋଟିକ୍ କହି ଚର୍ଚ୍ଚିତ ହୋଇଥିଲେ।

## କ୍ଷମତାରୁ ହଟିଲେ



ପଶ୍ଚିମବଙ୍ଗ ସାଙ୍ଗରେ ହୋଇଥିବା ତାମିଲନାଡୁ, କେରଳ, ପଣ୍ଡିଚେରୀ ଓ ଆସାମ ନିର୍ବାଚନ ଫଳ ମେ' ୨ରେ ଆସିଥିଲା। ତାମିଲନାଡୁ ଭୋଟର ଇ.କେ. ପାଲାନିସ୍ୱାମୀ ଓ ପଣ୍ଡିଚେରୀବାସୀ ଭି. ନାରାୟଣସ୍ୱାମୀଙ୍କ ସରକାରଙ୍କୁ ପ୍ରତ୍ୟାଖ୍ୟାନ କରି ଯଥାକ୍ରମେ ଏମ୍.କେ. ଷ୍ଟାଲିନ ଏବଂ ଏନ୍. ରଙ୍ଗାସ୍ୱାମୀଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲେ। ତେବେ ଭାଜପା ଶାସିତ ଗୁଜରାଟ, କର୍ଣ୍ଣାଟକ ଓ ଉତ୍ତରାଖଣ୍ଡରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କର୍ଣ୍ଣାଟକର ଲିଙ୍ଗାୟତ ଷ୍ଟ୍ରଙ୍ଗମ୍ୟାନ ବି.ଏସ୍. ୟେଦୁରପ୍ପାଙ୍କ ସ୍ଥାନରେ ବାସବରାଜ ବୋମାଇଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ସେହିପରି ଗୁଜରାଟରେ ବିଜୟ ରୁପାଣି କ୍ୟାବିନେଟରେ ଥିବା ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ଭୂପେନ୍ଦ୍ର ରଜନୀକାନ୍ତ ପଟେଲଙ୍କ ନୂଆ ମନ୍ତ୍ରିମଣ୍ଡଳରେ କେବଳ ନୂଆ ଚେହେରାଙ୍କୁ ସାମିଲ କରାଯାଇଥିଲା। ଇତିମଧ୍ୟରେ ଉତ୍ତରାଖଣ୍ଡରେ ମାର୍ଚ୍ଚ ମାସରେ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କୁ ହଟାଇ ତୀରଥ ସିଂ ରାୱତ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ୪ ମାସ ନ ଯାଉଣୁ ତୀରଥ ମଧ୍ୟ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ପୁଷ୍କର ସିଂ ଧାମିଙ୍କୁ ରାଜ୍ୟର ସର୍ବକନିଷ୍ଠ ମୁଖ୍ୟମନ୍ତ୍ରୀ କରିଥିଲା ଭାଜପା। ସେପଟେ ଭାଜପାର ଘୋର ବିରୋଧୀ ଭାବେ ଜଣାଶୁଣା ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ପାଇଁ ଅଡୁଆ ସାଜିଥିଲେ କଂଗ୍ରେସ ସଭାପତି ନବଜୋତ୍ ସିଂ ସିଦ୍ଧୁ। ଫଳରେ ଅମରିନ୍ଦର ଇସ୍ତଫା ଦେଇ ନୂଆ ଦଳ ଗଢ଼ି ଆସନ୍ତା ବିଧାନସଭା ନିର୍ବାଚନରେ ଭାଜପା ସହ ମେଣ୍ଟ ଘୋଷଣା କରିଛନ୍ତି। କଂଗ୍ରେସ ଦଳିତ ଚେହେରା ଚରଣଜିତ୍ ସିଂ ଚନ୍ନିଙ୍କୁ ମୁଖ୍ୟମନ୍ତ୍ରୀ କରିଛି।

## ମୋଦି ଷ୍ଟାଡିୟମ




ଫେବୃୟାରୀ ୨୪ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଶ୍ୱର ବୃହତ୍ତମ କ୍ରିକେଟ ଷ୍ଟାଡିୟମ୍ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଏହା ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମରେ ଥିବାବେଳେ ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ନାମିତ କରାଯିବା ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ସମାଲୋଚନା କରିଥିଲେ। ସେମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟ ନେଇ ପ୍ରଶ୍ନ ଉଠାଇବା ସହ ସର୍ଦ୍ଦାର ପଟେଲଙ୍କୁ କେନ୍ଦ୍ର ସରକାର ଅପମାନିତ କରିଥିବା ଅଭିଯୋଗ ଆଣିଥିଲେ। ଏହାର ବର୍ଷକ ପୂର୍ବରୁ ଉକ୍ତ ଷ୍ଟାଡିୟମରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ଆୟୋଜିତ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମକୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଥିଲା।

